# Akashvani, Sambalpur

## SAMBALPURI NEWS EVENING BULLETIN

**14 December 2025- 7.02 pm- 7.12 pm.**

**********************************************

୧- ଶକ୍ତି ସଂରକ୍ଷଣ୍ ଏଛନିର୍ ସମିଆର୍ ସବୁନୁ ବଡ଼ ଆବଶ୍ୟକତା ଆଏ- କହେଲେ ରାଷ୍ଟ୍ରପତି ।

- ସ୍ଥାୟୀ ଶକ୍ତି ସଂରକ୍ଷଣ୍ ଦିଗେ ରାଜ୍ୟ ସର୍କାର୍ ପ୍ରତିବଦ୍ଧ ଆନ୍- କହେଲେ ମୁଖ୍ୟମନ୍ତ୍ରୀ ।

- ଶକ୍ତି ସଂରକ୍ଷଣ୍ ଦିବସ୍ ଅବ୍ସରେ ଭୁବ୍ନେଶ୍ୱର୍ ନ ହେଇଛେ ପଦଯାତ୍ରା ।

୨- କଟକ୍ ଶହୀଦ୍ ଭବନ୍ ଠାନେ ଗୁଟେ ଖାସ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଲେ ପ୍ରଧାନ୍ ବିଚାର୍‌ପତି ।

୩- ଉଷୋ ଦୁକାନ୍‌ମାନ୍‌କେ କ୍ୟୁଆର୍ କୋଡ୍ ଆଉ ଟୋଲ୍‌ଫ୍ରି ନମ୍ବର୍ ଲେଖିବାର୍‌କେ କେନ୍ଦ୍ରୀୟ ଔଷଧ ମାନକ ନିୟନ୍ତ୍ରଣ ସଂଗଠନ୍‌ର ନିର୍ଦ୍ଦେଶ୍ ।

ଆଉର୍

୪- ରାଏଜେ ହେଉଛେ ଜବର୍ ଶୀତ୍ ।

- ଫୁଲ୍‌ବାଣୀ ଆଉ ଦାରିଙ୍ଗ୍‌ବାଡ଼ି ନ ରେକର୍ଡ୍ ହେଲା ରାତିର୍ ସବୁନୁ କମ୍ ତାପମାତ୍ରା ୬ ଡିଗ୍ରୀ ସେଲ୍‌ସିଅସ୍ ।

ରାଷ୍ଟ୍ରପତି - ଶକ୍ତି ସଂରକ୍ଷଣ୍ ଦିବସ ଏନ୍‌ଏସ୍‌ଡି

ଶକ୍ତି ସଂରକ୍ଷଣ୍‌ର ଗୁରୁତ୍ୱ ଉପ୍‌ରେ ସଚେତନତା ସୃଷ୍ଟି କର୍‌ବାର୍ ଆଉ ଇ କ୍ଷେତ୍ର୍‌ଥି ଦେଶର୍ ସଫଲତାକେ ଦର୍ଶାବାର୍ ଲାଗି ଆଏଜ୍ ଜାତୀୟ ଶକ୍ତି ସଂରକ୍ଷଣ୍ ଦିବସ୍ ପାଲନ୍ କରାଯାଉଛେ । ନୂଆଦିଲ୍ଲୀ ଠାନେ ଇ ଅବ୍‌ସରେ ହେଇଥିବା ଗୁଟେ ଖାସ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍, ଶକ୍ତି ସଂରକ୍ଷଣ୍ ଇହାଦେର୍ ସମିଆର୍ ଗୁଟେ ବଡ଼ ଆବଶ୍ୟକତା ଆଏ । ସଂଚୟ କରିକରି ରଖାଯାଇଥିବା ଫି’ ୟୁନିଟ୍ ଶକ୍ତି ପ୍ରକୃତିର୍ ଲାଗି ଆମର୍ ଦାୟିତ୍ୱବୋଧକେ ପ୍ରତିଫଲନ୍ କର୍‌ବାର୍ ସହେତେ ଆଏବା ପିଢ଼ିର୍ ଲାଗି ଯତନ୍ ଆଉ ସମ୍ୱେଦନ୍‌ଶୀଳତାକେ ପ୍ରଦର୍ଶନ୍ କର୍‌ସି ବଲି ରାଷ୍ଟ୍ରପତି କହିଛନ୍ । ଶକ୍ତି ସଂରକ୍ଷଣ୍ ଆଉ ସ୍ୱଚ୍ଛ ଶକ୍ତି ପରିବର୍ତନ୍ କ୍ଷେତ୍ର୍‌ଥି ଭାରତ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଛେ । ଧାରିଜ୍ ସମିଆ ଆଘୋନୁ ଭାରତ୍ ସ୍ୱଚ୍ଛ ଶକ୍ତି କ୍ଷେତ୍ର୍‌ଥି ନିଜର୍ ପ୍ରତିବଦ୍ଧତାକେ ପୁରା କରିସାରିଛେ ବଲି ରାଷ୍ଟ୍ରପତି କହିଛନ୍ । ସେ ଆହୁରି କହିଛନ୍, ଶକ୍ତି ଦକ୍ଷତା ଆଉ ଅଙ୍ଗାରକାମ୍ଳ ବାହାର୍‌ବାର୍‌ଟାକେ କମ୍ କର୍‌ବାର୍ କ୍ଷେତ୍ର୍‌ଥି ଇଟା ଗୁଟେ ଗୁରୁତ୍ୱପୂର୍ଣ୍ଣ ସଫଲତା ଆଏ ।

(ଭଏସ୍ ଓଭର୍- ରାଷ୍ଟ୍ରପତି)

ଇ ଅବ୍‌ସରେ ରାଷ୍ଟ୍ରପତି ଜାତୀୟ ଶକ୍ତି ସଂରକ୍ଷଣ୍ ପୁରସ୍କାର୍-୨୦୨୫ ଆଉ ଶକ୍ତି ସଂରକ୍ଷଣ୍ ଆଧାରିତ୍ ଜାତୀୟ ଚିତ୍ରକଳା ପ୍ରତିଯୋଗିତାର୍ ବିଜେତାମାନ୍‌କୁ ପୁରସ୍କାର୍ ଦେଇଛନ୍ ।

ଶକ୍ତି ସଂରକ୍ଷଣ୍ ଦିବସ I&PR

ଜାତୀୟ ଶକ୍ତି ସଂରକ୍ଷଣ୍ ଦିବସ୍ ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଶକ୍ତି ସଂରକ୍ଷଣ୍ ଉପ୍‌ରେ ଜୋର୍ ଦେଇଛନ୍ । ସାମାଜିକ୍ ଗଣମାଧ୍ୟମ୍ ପୋଷ୍ଟ୍‌ଥି ଶ୍ରୀ ମାଝୀ କହିଛନ୍, ସ୍ଥାୟୀ ଶକ୍ତି ସଂରକ୍ଷଣ୍ ଦିଗେ ରାଜ୍ୟ ସର୍‌କାର୍ ପ୍ରତିବଦ୍ଧ ଆନ୍ । ଶକ୍ତି ଦକ୍ଷତା ବଢ଼ାବାର୍ ଆଉ ଅଙ୍ଗାରକାମ୍ଳ ନିର୍ଗମନ୍‌କେ କମ୍ କର୍‌ବାର୍ ଉଦ୍ଦେଶ୍ୟଥି ସର୍‌କାର୍‌ଙ୍କର୍ ତର୍‌ଫୁ ଇ ବସ୍ ସେବାର୍ ପ୍ରସାର୍, ପ୍ରଧାନ୍‌ମନ୍ତ୍ରୀ ସୂର୍ଯ୍ୟଘର୍ ମୁକ୍ତ ବିଜ୍‌ଲି ଯୋଜ୍‌ନା, ସୌର ଆଉ ପବନ୍ ଶକ୍ତି କେନ୍ଦ୍ରୀତ ପ୍ରୋତ୍ସାହନ୍ ଯୁଗେଇ ଦିଆଯାଉଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ଭବିଷ୍ୟତ୍ ପିଢ଼ି ଲାଗି ସବୁଜ, ସ୍ୱଚ୍ଛ ଆଉ ସ୍ଥାୟୀ ଓଡ଼ିଶା ଗଠନ୍ କର୍‌ବାର୍ ଦିଗେ ସଭେ ଶକ୍ତି ସଂରକ୍ଷଣ୍ କର୍‌ବାର୍‌କେ ମୁଖ୍ୟମନ୍ତ୍ରୀ ଆହ୍ୱାନ୍ ଦେଇଛନ୍ ।

ଇ ଅବ୍‌ସରେ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ହେଇଥିବା ଗୁଟେ ଖାସ୍ କାର୍ଯ୍ୟକ୍ରମ୍‌ଥି ଉପମୁଖ୍ୟମନ୍ତ୍ରୀ ଆଉ ଶକ୍ତିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଯୋଗ୍ ଦେଇକରି ଶକ୍ତି ସଂରକ୍ଷଣ୍ ଉପ୍‌ରେ ଜୋର୍ ଦେଇଥିଲେ । ସମାରୋହଥି

ଉପମୁଖ୍ୟମନ୍ତ୍ରୀ ଭିନ୍ ଭିନ୍ ବର୍ଗର ବିଜେତାମାନ୍କୁ ଓଡ଼ିଶା ରାଜ୍ୟ ଶକ୍ତି ସଂଗଠନ୍ ପୁରସ୍କାର୍‌ଥି ସମ୍ମାନିତ୍ କରିଥିଲେ ।

ଇତାର୍ ଆଘୋନୁ ଭୁବ୍‌ନେଶ୍ୱର୍ କଲିଙ୍ଗ ଷ୍ଟାଡ଼ିୟମ୍ ଠାନେ ବିଭାଗ୍ ତର୍‌ଫୁ ଆୟୋଜିତ୍ ପଦଯାତ୍ରାଥି ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଯୋଗ୍ ଦେଇକରି କହିଛନ୍,

(ଭଏସ୍ ଓଭର୍- କେ.ଭି. ସିଂହଦେଓ)

କାର୍ଯ୍ୟକ୍ରମ୍‌ଥି ବିଭାଗ୍‌ର ସଚିବ ବିଶାଲ୍ କୁମାର୍ ଦେବ୍ ଯୋଗ୍ ଦେଇଥିଲେ ।

ଶକ୍ତି ସଂରକ୍ଷଣ୍ ଦିବସ୍- ଜିଲ୍ଲା ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା କଂଟାମାଲ୍ ବ୍ଲକ୍ ଖଲିଆପାଲି ସର୍‌କାରୀ ଉଚ୍ଚବିଦ୍ୟାଳୟ ପରିସର୍ ନ ଜାତୀୟ ଶକ୍ତି ସଂରକ୍ଷଣ୍ ଦିବସ୍ ପାଲିତ୍ ହେଇଯାଇଛେ । ଇ ଅବ୍‌ସରେ ସଚେତନତା ଶୋଭାଯାତ୍ରା, ପୋଷ୍ଟର୍ ବନାବାର୍, ସ୍ଲୋଗାନ୍ ଆଉ ସଚେତନ୍ ଶିକ୍ଷା ଶିବିର୍ ବାଗିର୍ କାର୍ଯ୍ୟକ୍ରମ୍ ମାନ୍ ହେଇଯାଇଛେ ।

ପ୍ରଧାନ୍ ବିଚାର୍‌ପତି ଓଡ଼ିଶା ଗସ୍ତ କଟକ୍ ସମ୍ବାଦଦାତା

ପ୍ରଧାନ୍ ବିଚାର୍‌ପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏସନ୍ ତର୍‌ଫୁ କଟକ୍ ଶହୀଦ୍ ଭବନ୍ ଠାନେ ହେଇଥିବା ଗୁଟେ ଆଲୋଚନାଚକ୍ରେ ଭାଗ୍ ନେଇଛନ୍ । କାର୍ଯ୍ୟକ୍ରମ୍‌ଥି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ସାଧାରଣ୍ ଲୁକ୍‌କର୍ ଲାଗି ନ୍ୟାୟକେ ସୁନିଶ୍ଚିତ୍ କର୍‌ବାର୍ ମାମ୍‌ଲାମାନ୍‌କର୍ ଖର୍ଚ୍ଚା ଆଉ ଡେରିକେ କମ୍ କର୍‌ବାର୍ ଲାଗି ରଣନୀତି ତିଆର୍ ଉପ୍‌ରେ ନିଜର୍ ମତାମତ୍ ଉପସ୍ଥାପନ୍ କରିଛନ୍ । ଇ ଅବ୍‌ସରେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ କହିଛନ୍, ଡେରିଥି ମିଲୁଥିବା ନ୍ୟାୟ ଲୋକ୍‌ମାନ୍‌କର୍ ଆର୍ଥିକ୍ ଥିତି ଆଉ ସମ୍ମାନ୍ ଉପ୍‌ରେ ପ୍ରଭାବ୍ ପକାସି । ସାଧାରଣ୍ ଲୁକ୍‌କର୍ ଉପ୍‌ରେ ପଡୁଥିବା ଚାପକେ କମ୍ କର୍‌ବାର୍, ଅନିଶ୍ଚିତତାକେ ଦୂର୍ କର୍‌ବାର୍ ଲାଗି ପ୍ରଧାନ୍ ବିଚାର୍‌ପତି ଆହ୍ୱାନ୍ ଦେଇଛନ୍ । ଲୋକ୍‌ମାନେ ବହୁତ୍‌ଟେ ମାମ୍‌ଲାଥି କୋର୍ଟକେ ଯିବାର୍ ଆଘୋନୁ ମଧ୍ୟସ୍ଥତା ଜରିଏ ସେସବୁର୍ ସମାଧାନ୍ ହେଇପାର୍‌ଲେ, ବରସ୍ ବରସ୍ ଧରିକରି ପଡ଼ିଥିବା ମାମ୍‌ଲାମାନ୍‌କର୍ ସଂଖ୍ୟା କମ୍‌ବାର୍ ସହେତେ ଖର୍ଚ୍ଚା ଭିଲ୍ କମ୍ ହେବା । ସେନ୍ତା ନ୍ୟାୟ ବ୍ୟବସ୍ଥାଥି ପ୍ରଯୁକ୍ତିବିଦ୍ୟାର୍ ବେଭାର୍, ଭିନ୍ ଭିନ୍ ଅପରାଧୀକ୍ ମାମ୍‌ଲାମାନ୍‌କର୍ ସମାଧାନ୍ ଲାଗି ସ୍ୱତନ୍ତ୍ର କୋର୍ଟ ଉପରେ ପ୍ରଧାନ୍ ବିଚାର୍‌ପତି ଜୋର୍ ଦେଇଛନ୍ ।

କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ହାଇକୋର୍ଟର ମୁଖ୍ୟବିଚାର୍‌ପତି ଜଷ୍ଟିସ୍ ହରିଶ୍ ଟଣ୍ଡନ୍ କହିଛନ୍, କୋର୍ଟର ଡିଜିଟାଲ୍‌କରଣ୍,

ଇ ଫାଇଲିଂ ଜରିଏ ନ୍ୟାୟ ଦେବାର୍ ବ୍ୟବସ୍ଥା ସହଜ୍ ହେଇପାର୍‌ବା । ଇ ଅବ୍‌ସରେ ଜଷ୍ଟିସ୍ ଟଣ୍ଡନ୍ ଓଡ଼ିଶା ହାଇକୋର୍ଟ ନ ବିଚାର୍‌ପତିଙ୍କର୍ ସଂଖ୍ୟା ବଢ଼ାବାର୍ ଉପ୍‌ରେ ଜୋର୍ ଦେଇଛନ୍ ।

ଉଷୋ - କ୍ୟୁଆର୍ କୋଡ୍ ହି.ସ.

ଉଷୋ ଦୁକାନ୍ ଆଗାଡ଼େ କ୍ୟୁଆର୍ କୋଡ୍ ଆଉ ଟୋଲ୍‌ଫ୍ରି ଟେଲିଫୋନ୍ ନମ୍ବର୍ ଲେଖ୍‌ବାର୍‌କେ କେନ୍ଦ୍ରୀୟ ଔଷଧ ମାନବ ନିୟନ୍ତ୍ରଣ ସଂଗଠନ୍ ସବୁ ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଅଂଚଲ୍‌କେ ନିର୍ଦ୍ଦେଶ୍ ଦେଇଛନ୍ । ଦୁକାନୁ ଉଷୋ ଘିନିକରି ଖେଭାର୍ କଲା ଉତ୍‌ରୁ କେନ୍‌ସି ପ୍ରକାରର୍ ପାର୍ଶ୍ୱପ୍ରତିକ୍ରିୟା ଦେଖାଦେଲେ ଉପଭୋକ୍ତା ସେହି କ୍ୟୁଆର୍‌କୋଡ୍ ଆଉ ଟୋଲ୍‌ଫ୍ରି ନମ୍ବର୍‌ଥି ଅଭିଯୋଗ୍ କରିପାର୍‌ବେ ବଲି ସଂଗଠନ୍ ତର୍‌ଫୁ କୁହାଯାଇଛେ । ନିର୍ଦ୍ଦେଶ୍‌ନାମାଥି କ୍ୟୁଆର୍ କୋଡ୍ ଆଉ ଟୋଲ୍‌ଫ୍ରି ନମ୍ବର୍ ସଭେ ଦେଖି ପାରୁଥିବା ଜାଗାଥି ଲେଖ୍‌ବାର୍‌କେ ନିର୍ଦ୍ଦେଶ୍ ଦିଆଯାଇଛେ । ଇଥିର୍‌ଲାଗି ଟୋଲ୍‌ଫ୍ରି ନମ୍ବର୍ ହେଉଛେ- ୧୮୦୦- ୧୮୦-୩୦୨୪ ।

ମେଘନାଦ୍ ପାଟ୍‌ରୀ ଏକ୍ସ

ପୁରୀ ଶ୍ରୀମନ୍ଦିର୍‌ର ମେଘନାଦ୍ ପାଚ୍‌ରୀ ନୁ ପାଏନ୍ ଗଲୁଥିବାର୍ ଘଟ୍‌ନାକେ ନେଇକରି ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକ ଡକ୍ଟର୍ ଅରବିନ୍ଦ ପାଢ଼ୀ ଭାରତୀୟ ପ୍ରତ୍ନତତ୍ୱ ବିଭାଗ୍‌କେ ଚିଠି ଲେଖିଛନ୍ । ବୈଜ୍ଞାନିକ୍ ସମ୍ମତ ଅନୁଧ୍ୟାନ୍ ସହେତେ ସ୍ଥାୟୀ ମରାମତି ଲାଗି ଡକ୍ଟର୍ ପାଢ଼ୀ ଚିଠିଥି ଉଲ୍ଲେଖ୍ କରିଛନ୍ । ଗଲାବଛର୍ ଭିଲ୍ ମରାମତି କରାଯାଇଥିଲା, ହେଲେ ବାରମ୍ବାର୍ ପାଏନ୍ ଗଲ୍‌ବାର୍‌ଟା ଚିନ୍ତାର୍ ବିଷେ ଆଏ ଆଉ ଇତାର୍ ସ୍ଥାୟୀ ସମାଧାନ୍ କର୍‌ବାର୍‌କେ ଡକ୍ଟର୍ ପାଢ଼ୀ ଏଏସ୍‌ଆଇକେ ଚିଠି ଜରିଏ ଅନୁରୋଧ୍ କରିଛନ୍ ।

ପଠାଣି ସାମନ୍ତ ଗଣିତ ମେଧାବୃତି   ଆର୍‌ଏନ୍‌ୟୁ/ ସମ୍ବଲପୁର

ପଠାଣି ସାମନ୍ତ ଗଣିତ ମେଧାବୃତି ପରୀକ୍ଷା ଲାଗି ମାଧ୍ୟମିକ ଶିକ୍ଷା ପରିଷଦ୍ ତର୍‌ଫୁ ବିଜ୍ଞପ୍ତି ବାହାରିଛେ । ୬ ଆଉ ୯ ଶ୍ରେଣୀର୍ ଛାତ୍ରଛାତ୍ରୀମାନ୍‌କର୍ ସ୍ତର୍‌ଥି ହେଉଥିବା ଇ ଗଣିତ ମେଧାବୃତି ପରୀକ୍ଷା ଲାଗି ଗଲାକାଏଲ୍‌ନୁ ପଞ୍ଜିକରଣ୍ ପ୍ରକ୍ରିୟା ମୁଲ୍ ହେଇଛେ । ଫର୍ମ ଭର୍‌ବାର୍ ଶେଷ୍ ତାରିଖ୍ ଡିସେମ୍ବର୍ ୨୫ ତାରିଖ୍‌କେ ରଖାଯାଇଛେ ।

ପ୍ରାଣୀସମ୍ପଦ୍ ମେଳା       ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା ରୟଲ୍ ପଡ଼ିଆ ଠାନେ ଜିଲ୍ଲାସ୍ତରୀୟ ମସ୍ୟ ଆଉ ପ୍ରାଣୀସମ୍ପଦ୍ ମେଳା-୨୦୨୫ ଆଏଜ୍ ଉଦ୍‌ଘାଟିତ୍ ହେଇଛେ । ମେଳାଥି ବୀର୍‌ମହାରାଜ୍‌ପୁର୍ ବିଧାୟକ୍ ରଘୁନାଥ୍ ଜଗ୍‌ଦଲା ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ସୁବର୍ଣ୍ଣପୁର୍ ଜିଲ୍ଲା ମସ୍ୟ ଆଉ ପ୍ରାଣୀସମ୍ପଦ୍ ବିକାଶ୍ କ୍ଷେତ୍ରଥି ରାଏଜେ ପହେଲାଠାନ୍ ହାସଲ୍ କରିଛେ ବଲି କହିଛନ୍ । ମେଳାଥି ୩୦ ଟା ଷ୍ଟଲ୍ ତିଆର୍ କରାଯାଇଛେ । ଇ ଅବ୍‌ସରେ ଅତିଥିମାନେ ଭିନ୍ ଭିନ୍ ଷ୍ଟଲ୍ ଭିଲ୍ ବୁଲି ଦେଖିଥିଲେ ।

ନୀଳମଣି ବିଦ୍ୟାରତ୍ନ ଜୟନ୍ତୀ          ଆର୍‌ଏନ୍‌ୟୁ/ କଟକ୍

ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ୍ ଗଠନ୍‌ଥି ମୁଖିଆ ଭୂମିକା ନେଇଥିବା ପଣ୍ଡିତ୍ ନୀଳମଣି ବିଦ୍ୟାରତ୍ନଙ୍କର୍ ଜୟନ୍ତୀ ଅବ୍‌ସରେ ଆଏଜ୍ ରାଜ୍ୟବାସୀ ଶ୍ରଦ୍ଧାଞ୍ଜଳି ଜନେଇଛନ୍ । ଭୁବ୍‌ନେଶ୍ୱର୍ ଜୟଦେବ୍ ବିହାର୍ ଛକ୍ ନ ଥିବା ପଣ୍ଡିତ୍ ବିଦ୍ୟାରତ୍ନଙ୍କର୍ ପ୍ରତିମୂର୍ତିଥି ଆଏଜ୍ ସଖାଲେ ମାଲ୍ୟାର୍ପଣ୍ କରାଯାଇଥିଲା । ଇ ଅବ୍‌ସରେ ଆଏଜ୍ ବେଲ୍‌ବୁଡ଼େ ଭୁବ୍‌ନେଶ୍ୱର୍ ଜୟଦେବ୍ ଭବନ୍ ଠାନେ ରାଜ୍ୟସ୍ତରୀୟ ଜୟନ୍ତୀ ମହୋତ୍ସବ୍ ପାଲିତ୍ ହେଉଛେ । କେନ୍ଦ୍ରଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କର୍ ଜୟନ୍ତୀଥି ଶ୍ରଦ୍ଧାଞ୍ଜଳି ଜନେଇକରି

କହିଛନ୍, ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ୍ ଗଠନ୍‌ଥି ପଣ୍ଡିତ ବିଦ୍ୟାରତ୍ନଙ୍କର୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା ।

ଭାଗ୍‌ବତ୍ ପ୍ରସାଦ୍ ନନ୍ଦ ଜୟନ୍ତୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ନିଷ୍ଠାପର ସମାଜ୍‌ସେବୀ ଆଉ ସାମ୍ବାଦିକ ସ୍ୱର୍ଗତ ଭାଗ୍‌ବତ୍ ପ୍ରସାଦ୍ ନନ୍ଦଙ୍କର୍ ଜୟନ୍ତୀ ସମାରୋହ ଆଏଜ୍ ସମ୍ବଲ୍‌ପୁର୍ ଓଡ଼ିଶା ସାଂସ୍କୃତିକ୍ ସମାଜ୍ ପରିସର୍ ନ ହେଇଯାଇଛେ । ଭାଗ୍‌ବତ ନନ୍ଦ ସ୍ମୃତି କମିଟି ତର୍‌ଫୁ ହେଇଥିବା ଜୟନ୍ତୀ ସମାରୋହଥି ସର୍ବୋଦୟ ନେତ୍ରୀ କୃଷ୍ଣା ମହାନ୍ତି, ପଶ୍ଚିମ ଓଡ଼ିଶା କୃଷକ ସଂଗଠନ୍ ସମିତିର୍ ଆବାହକ୍ ଲିଙ୍ଗରାଜ୍ ପ୍ରମୁଖ ଯୋଗ୍‌ଦେଇକରି ସ୍ୱର୍ଗତ ନନ୍ଦଙ୍କର୍ ଗୁଣାବଳୀ ବାବ୍‌ଦେ ଆଲୋଚନା କରିଥିଲେ । ଶିକ୍ଷାବିତ୍ ଡକ୍ଟର୍ ଶ୍ୟାମସୁନ୍ଦର୍ ଧର ସମାରୋହଥି ଅଧ୍ୟକ୍ଷତା କରିଥିଲେ ।

ପରୀକ୍ଷା ପେ ଚର୍ଚ୍ଚା ପି.ଆଇ.ବି.

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମ୍‌ର ୯ ନମ୍ବର୍ ସଂସ୍କରଣ୍ ଆଏବା ଜାନୁଆରୀ ମାସ ହେବା । ଇତାର୍ ଜରିଏ ଛାତ୍ରଛାତ୍ରୀ ମାନେ ପରୀକ୍ଷା ଆଘୋନୁ ତାଙ୍କର୍ ମାନସିକ ଚାପ, ଡର୍ ବାବ୍‌ଦେ

ପ୍ରଧାନ୍‌ମନ୍ତ୍ରୀଙ୍କର୍ ସାଙ୍ଗେ ସିଧାସଲଖ୍ ବିଚାର୍ ବିନିମୟ କର୍‌ବେ । ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମ୍ ଲାଗି ଡିସେମ୍ବର୍ ୧ ନୁ ଆଏବା ଜାନୁଆରୀ ୧୧ ତାରିଖ୍‌ତକ୍ ମାଇ ଗଭ୍ ପୋର୍ଟାଲ୍‌ଥି ଅନ୍‌ଲାଇନ୍ ଏମ୍‌ସିକ୍ୟୁ ଆଧାରିତ୍ ପ୍ରତିଯୋଗିତାର୍ ଆୟୋଜନ୍ କରାଯାଉଛେ । ଇଥି ୬ ନୁ ୧୨ ଶ୍ରେଣୀତକ୍ ଛାତ୍ରଛାତ୍ରୀ, ଶିକ୍ଷକ୍ ଆଉ ଅଭିଭାବକ୍‌ମାନେ ଭାଗ୍ ନେଇପାର୍‌ବେ ।

ଭାରତ୍ ଅନ୍ତର୍ଜାତୀୟ ସମ୍ମିଳନୀ      ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଇଆଇଏମ୍ ସମ୍ବଲ୍‌ପୁର୍ ତର୍‌ଫୁ ପ୍ରଡକ୍ସନ୍ ଏଣ୍ଡ୍ ମେନେଜ୍‌ମେଂଟ୍ ସୋସାଇଟି- ଭାରତ୍ ଅନ୍ତର୍ଜାତୀୟ ସମ୍ମିଳନୀ ଆୟୋଜନ୍ କରାଯାଇଛେ । ଇ ସମ୍ମିଳନୀକେ ଆଏଜ୍ ଆଇଆଇଏମ୍ ସମ୍ବଲ୍‌ପୁର୍‌ର ନିର୍ଦ୍ଦେଶକ୍ ପ୍ରଫେସର୍ ମହାଦେଓ ଜୟସ୍ୱାଲ୍ ଉଦ୍‌ଘାଟନ୍ କରିଛନ୍ । ସମ୍ମିଳନୀଥି ପୁର୍‌ଥିର୍ ଅଗ୍ରଣୀ ପ୍ରତିଭା, ଶିଳ୍ପ ନେତୃତ୍ୱ ଆଉ ଶିକ୍ଷାବିତ୍‌ମାନେ ସାମିଲ୍ ହେଇଛନ୍ ।

ପାଣିପାଗ      ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତର୍ ପର୍ଶ୍ଚିମ ଦିଗୁ ରାଜ୍ୟକେ ଶୁଖା ଥଣ୍ଡା ପବନ୍ ଆସୁଥିବାର୍‌ନୁ ଜବର୍ ଶୀତ୍ ହେଉଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୬ /୭ ଦିନ୍‌ତକ୍ ପାଗ୍‌ଥି ବିଶେଷ୍ ପରିବର୍ତନ୍ ନାଇଁ ହୁଏ । ଗଲା ୨୪ ଘଂଟା ଭିତ୍‌ରେ ଫୁଲ୍‌ବାଣୀ ଆଉ ଦାରିଙ୍ଗ୍‌ବାଡ଼ି ଠାନେ ରାଜ୍ୟର୍ ସବୁନୁ କମ୍ ତାପମାତ୍ରା ୬ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ୍ କରାଯାଇଛେ । ଆଏବା ୨୪ ଘଂଟା ଭିତ୍‌ରେ କଲାହାଣ୍ଡି, ସୁନ୍ଦର୍‌ଗଡ୍, କନ୍ଧମାଲ୍ ଆର୍ କୋରାପୁଟ୍‌ର ଗୁଟେ ଜୁଡ଼େ ଜାଗା ନ କମ୍ ନୁ ମଧମ୍ ଧରଣ୍ କୁହୁଡ଼ି ହେବା ବଲି ପାଣିପାଗ କେନ୍ଦ୍ର ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।